# Akashvani, Sambalpur

## SAMBALPURI NEWS BULLETIN

### 11 April 2025- 6.47- 6.52 am.

**********************************************

ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ଆର୍‌ଏନ୍‌ୟୁ ସମ୍ବଲପୁର

ରାଏଜେ ଆଏଜ୍‌ଠାନୁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜ୍‌ନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜ୍‌ନା, ଆୟୁଷ୍ମାନ୍ ବୟୋବନ୍ଦନ୍ ଯୋଜ୍‌ନା ଲାଗୁ ହେବା । କଟକ ବାଲିଯାତ୍ରା ପଡ଼ିଆଠାନେ ମଏଧାନର୍ ଅଢ଼େଇ ବଜେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଜରିଏ କେନ୍ଦ୍ର ସ୍ୱାସ୍ଥ୍ୟ ଆଉ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଯୋଜ୍‌ନାର ଶୁଭାରମ୍ଭ କର୍‌ବେ । ଉପର୍‌ବେଲା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ନଡ୍ଡା କଟକ୍ ଶିଶୁଭବନ୍‌ର ନୂଆଁ କୋଠା ଉଦ୍‌ଘାଟନ୍ କର୍‌ବେ । କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଦୁହି ଉପମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀମାନେ, ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ପ୍ରମୁଖ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ରାଜ୍ୟର୍ ୧୩ ଟା ଜିଲ୍ଲା ନ ଭିନ୍ ଭିନ୍ ବିଭାଗ୍ର ମନ୍ତ୍ରୀମାନେ ଯୋଜ୍ନାର୍ ଶୁଭାରମ୍ଭ କର୍ବେ । ୧ ହଜାର୍ ୪ ଶହ ୫ ଟା ସ୍ୱାସ୍ଥ୍ୟ କେନ୍ଦ୍ର ନ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ୍ର ସିଧା ପ୍ରସାରଣ୍ ଦେଖାଯିବାର୍ ସହେତେ ଆୟୁଷ୍ମାନ୍ ଭାରତ୍ ସ୍ୱାସ୍ଥ୍ୟ କାର୍ଡ୍ ବଂଟାଯିବା ।

ଯୋଜ୍ନାଥି ରାଜ୍ୟର୍ ୧ କୋଟି ୩ ଲାଖ୍ ପରିବାର୍ର ୩ କୋଟି ୫୦ ଲାଖ୍ ଲୋକ୍ ମାହାଲିଆ ଚିକିତ୍ସା ସୁବିଧା ପାଇପାର୍ବେ । ଫିʼ ହିତାଧିକାରୀମାନ୍କୁ ଦୁହି ଯୋଜ୍ନାର୍ ଲାଗି ଗୁଟେ ଲେଖା ସ୍ୱାସ୍ଥ୍ୟକାର୍ଡ୍ ଦିଆଯିବା । ଆୟୁଷ୍ମାନ୍ ବୟୋବନ୍ଦନ୍ ଯୋଜ୍ନାଥି ୭୦ ବଛର୍ନୁ  ଅଏତ୍କା ବୟସର୍ ୨୩ ଲାଖ୍ ୧୩ ହଜାର୍ ହିତାଧିକାରୀ ଅଲ୍ଗା କାର୍ଡ୍ ପାଏବେ । ଯୋଜ୍ନା ମାନ୍କେ ହିତାଧିକାରୀମାନେ ଦେଶର୍ ୨୯ ହଜାର୍ନୁ ଅଏତ୍କା ସର୍କାରୀ ଆର୍ ପଞ୍ଜିକୃତ ବେସର୍କାରୀ ଡାକ୍ତର୍ଖାନାମାନ୍କେ ମାହାଲିଆ ଚିକିତ୍ସା ସୁବିଧା ପାଇପାର୍ବେ । ନୂଆଁ କାର୍ଡ୍ ମିଲ୍ବାର୍ତକ୍ ପୁର୍ନା ସ୍ୱାସ୍ଥ୍ୟକାର୍ଡ୍ର ନମ୍ବର୍ ଆଉ ଆଧାର୍କାର୍ଡ୍ ଜରିଏ ହିତାଧିକାରୀମାନେ ଚିକିତ୍ସା ସୁବିଧା ପାଇପାର୍ବେ ।

ଓଡ଼ିଆ ପକ୍ଷ-ଯୁବ ଲେଖକ ସମ୍ମିଳନୀ     ଆର୍ଏନ୍ୟୁ/

ସମ୍ବଲପୁର

ଓଡ଼ିଶା ଦିବସ୍ ପାଲନ୍ ଦିନୁ ରାଜ୍ୟ ସର୍‌କାର୍ ଓଡ଼ିଆ ପକ୍ଷ ପାଲନ୍ କରୁଛନ୍ । ଓଡ଼ିଶାର୍ ସ୍ୱାଭିମାନ୍, ଗୌରବ୍, ପରିଚୟ, କଳା, ସଂସ୍କୃତିକେ ନେଇକରି ଆଏବା ୧୪ ତାରିଖ୍‌ତକ୍ ଫି’ଦିନ ଗୁଟେ ଖାସ୍ ଢଙ୍ଗେ ଇତାକେ ପାଲନ୍ କରାଯାଉଛେ ।

ଓଡ଼ିଆ ପକ୍ଷ ପାଲନ୍‌ର ୧୧ ନମ୍ବର୍ ଦିନେ ଆଏଜ୍ ରାଜ୍ୟର୍ ଲୋକକଳାର୍ ପ୍ରଚାର୍ ପ୍ରସାର୍ ଲାଗି ‘ଯୁବ ଲେଖକ ସମ୍ମିଳନୀ’ କାର୍ଯ୍ୟକ୍ରମ୍ ହେବା ।  ରାଜ୍ୟର୍ ସବୁ ବିଶ୍ୱବିଦ୍ୟାଳୟ ଆଉ ମହାବିଦ୍ୟାଳୟର୍ ଛାତ୍ରଛାତ୍ରୀ, ଯୁଆନ୍ ଲେଖକ୍ ଆର୍ ପ୍ରତିଭାକେ ନେଇକରି ଯୁବ ସୃଜନ୍ ଉତ୍ସବ୍ ଆୟୋଜନ୍ କରାଯିବା । ଯୁଆନ୍‌ମାନ୍‌କର୍ ଭିତ୍‌ରେ ଓଡ଼ିଆ ଭାଷା, ସାହିତ୍ୟ ଉପ୍‌ରେ ରଚି ବଢ଼ାବାର୍ ଆଝିର୍ ଦିନର୍ ମୁଖ୍ୟ ଲକ୍ଷ୍ୟ ରଖାଯାଇଛେ ।

ପ୍ରମୁଖ ଷ୍ଟେସନ୍ -ପୁର୍ନବିକାଶ        ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତୀୟ ରେଲ୍ ଅମୃତ୍ ଭାରତ୍ ଷ୍ଟେସନ୍ ଯୋଜ୍‌ନାଥି ପ୍ରମୁଖ ଷ୍ଟେସନ୍ ମାନ୍‌କର୍ ବ୍ୟାପକ୍ ପୁର୍ନବିକାଶ୍ ମୁଲ୍ କରିଛେ । କେନ୍ଦ୍ରୀୟ ଓଡ଼ିଶାର୍ ଅନୁଗୁଲ୍ ତାଲ୍‌ଚେର୍ ରୋଡ୍, ମେରାମଣ୍ଡଳୀ, ଢେଙ୍କାନାଲ୍ ଆର୍ ରେଢ଼ାଖୋଲ୍ ଷ୍ଟେସନ୍‌ର ଉନ୍ନତିକରଣ୍

କରାଯିବାର୍ ସହେତେ ଡିଜାଇନର୍ ନକ୍ସା, ପ୍ରବେଶ ପଥ, ଯାତ୍ରୀସୁବିଧା ବିଶ୍ୱସ୍ତରୀୟ କରାଯାଉଛେ ବଲି ପୂର୍ବତଟ ରେଲ୍‌ପଥ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ରେଢ଼ାଖୋଲ୍ ଷ୍ଟେସନ୍‌ର ଉନ୍ନତି ଲାଗି ୨୬ କୋଟି ୯୩ ଲାଖ୍ ଟଙ୍କା ମଞ୍ଜୁର୍ ହେଇଥିଲା ବେଲେ ଭିନ୍ ଭିନ୍ ଅମୃତ୍ ଷ୍ଟେସନ୍ ଲାଗି ପର୍ଯ୍ୟାପ୍ତ ଅର୍ଥ ମଞ୍ଜୁର୍ କରାଯାଇଛେ ବଲି ପୂର୍ବତଟ ରେଲ୍‌ପଥ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଜାତୀୟ ନିରାପଦ ମାତୃତ୍ୱ ଦିବସ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ଜାତୀୟ ନିରାପଦ ମାତୃତ୍ୱ ଦିବସ୍ । ଇ ଅବ୍‌ସରେ ସ୍ୱାସ୍ଥ୍ୟସେବା ସହେତେ ଜୁଡ଼ି ହେଇଥିବା ସର୍‌କାରୀ ଆର୍ ବେସର୍‌କାରୀ ଅନୁଷ୍ଠାନ୍‌ମାନେ ସଭାସମିତି ଜରିଏ ନିରାପଦ ମାତୃତ୍ୱକେ ନେଇକରି ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ମାନ୍ ଆୟୋଜନ୍ କରୁଛନ୍ । ମା ମାନ୍‌କର୍ ଗର୍ଭଧାରଣ୍‌ନୁ ପ୍ରସବ ଆର୍ ତାର୍ ପରବର୍ତୀ ଯତ୍ନ ଲାଗି ପରିବାର୍ ଆଉ ସାମାଜିକ ସ୍ତର୍‌ଥି ସଚେତନ୍ ସୃଷ୍ଟି କର୍‌ବାର୍‌ଟା ଆଝିର୍ ଦିବସ୍ ପାଲନ୍‌ର ମୁଲ୍ ଲକ୍ଷ୍ୟ ଆଏ ।

ସମ୍ବଲ୍‌ପୁର୍ -ହନୁମାନ୍ ଜୟନ୍ତୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ହନୁମାନ୍ ଜୟନ୍ତୀ ଶୋଭାଯାତ୍ରାଥି ଭାଗ୍ ନେବାର୍ ଲାଗି ମା ସମଲେଇଙ୍କର୍ ଆଜ୍ଞାମାଲ୍ ସହେତେ ଭିନ୍ ଭିନ୍ ଆଖ୍‌ଡ଼ା ଦଲ୍‌କେ ହନୁମାନ୍ ଜୟନ୍ତୀ ସମନ୍ୱୟ ସମିତି ନିମନ୍ତ୍ରଣ୍ ଦେଇଛେ । ମା ସମଲେଇଙ୍କର୍ ପାଖେ ପୂଜାର୍ଚ୍ଚନା ଉତ୍‌ରୁ ଆଜ୍ଞାମାଲ୍ ଅନାଯାଇଥିଲା । ଇ ଅବ୍‌ସରେ ମନ୍ଦିର୍ ପରିସର୍ ନ ପୁରୁଷ ଆର୍ ମହିଲା ଦଲ୍ ଆଖ୍‌ଡ଼ା ପ୍ରଦର୍ଶନ୍ କରିଥିଲେ ।

ହୀରାକୁଦ୍ ଜଲ୍‌ଭଣ୍ଡାର୍-ଛାତ୍ରୀ ମୃତ ଆର୍‌ଏନ୍‌ୟୁ/ ସମ୍ବଲପୁର

ହୀରାକୁଦ୍ ଜଲ୍‌ଭଣ୍ଡାର୍‌ଥି ଗଲାକାଏଲ୍ ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଲୟ- ଭିସୁଟ୍‌ର ଫେର୍ ଝନେ ଛାତ୍ରୀଙ୍କର୍ ବୁଡ଼ିକରି ଜୀବନ୍ ଯାଇଛେ । ଇଥି ଆଉ ଝନେ ଛାତ୍ରୀ ଗୁରୁତର୍ ହେଇଛନ୍ । ଛାତ୍ରଝନ୍‌କ ବର୍‌ଗଡ଼୍‌ର ଆଉ ଭିସୁଟ୍ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ବିଭାଗ୍‌ର ଫାଇନାଲ୍ ଇୟର୍ ଛାତ୍ରୀ ଥିଲେ ।

ଆୟୁଷ୍ମାନ୍ ଭାରତ-ବୌଦ୍ଧ ବୌଦ୍ଧ ସମ୍ବାଦଦାତା

ଆୟୁଷ୍ମାନ୍ ଭାରତ୍ ପ୍ରଧାନ୍‌ମନ୍ତ୍ରୀ ଜନ ଆରୋଗ୍ୟ ଯୋଜ୍‌ନା ଆଉ ଗୋପବନ୍ଧୁ ଯୋଜ୍‌ନାର୍ ଜିଲ୍ଲାସ୍ତରୀୟ ଶୁଭାରମ୍ଭ କର୍‌ବାର୍‌କେ ନେଇକରି ବୌଦ୍ଧ ଜିଲ୍ଲାପ୍ରଶାସନ୍ ତର୍‌ଫୁ ସବୁପ୍ରକାର୍ ପ୍ରସ୍ତୁତି କରାଯାଇଛେ । ଯୋଜ୍‌ନାନୁ ବୌଦ୍ଧ ଜିଲ୍ଲାର୍ ୨ ଲାଖ୍ ୧୭ ହଜାର୍ ୭ ଶହ ୧୦ ଝନ୍ ହିତାଧିକାରୀ ଲାଭ୍ ପାଏବେ । ପହେଲା ଖେପେ ଜିଲ୍ଲାର୍ ୩ ଟା ବ୍ଲକ୍‌ର ୧୨ ଟା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନ ୧୪ ହଜାର୍ ଶହେ ୫୫ ଟା ସ୍ୱାସ୍ଥ୍ୟକାର୍ଡ଼ ବଂଟାଯିବା ।

ସଖାଲ୍ ଅଫିସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଖରା ତାତିକେ ନଜର୍‌ଥି ରଖିକରି ସମ୍ବଲ୍‌ପୁର୍ ଜିଲ୍ଲାର୍ ସବୁ ରାଜ୍ୟ ସର୍‌କାରୀ କାର୍ଯ୍ୟାଳୟ ନ ଗଲାକାଏଲ୍‌ଠାନୁ ସଖାଲ୍ ଅଫିସ୍ ମୁଲ୍ ହେଇଛେ । ଜୁନ୍ ୧୫ ତାରିଖ୍‌ତକ୍ ସଖାଲର୍ ୭ ବଜେନୁ ଦିନର୍ ୧ ବଜେତକ୍ ଅଫିସ୍ କାମ୍ ଚାଲ୍‌ବା । ଇ ବାବ୍‌ଦେ ସମ୍ବଲ୍‌ପୁର୍ ଜିଲ୍ଲାପାଲ୍‌ଙ୍କର୍ ନିର୍ଦ୍ଦେଶ୍‌ନାମା ବାହାରିଛେ ।

ପାଣିପାଗ ଆର୍‌ଏନ୍‌ୟୁ/ସମ୍ବଲପୁର

ବଙ୍ଗୋପସାଗର୍ ନ ହେଇଥିବା ଲଘୁଚାପ୍ ବଲେ ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ଆଏବା ୨୪ ଘଂଟା ଭିତ୍‌ରେ ଘଡ଼୍‌ଘଡ଼ି ସାଙ୍ଗେ ବର୍ଷା ହେଇପାରେ । ସୁନ୍ଦର୍‌ଗଡ଼୍ ସହେତେ ରାଜ୍ୟର୍ ୧୪ ଟା ଜିଲ୍ଲା ନ ଘଡ଼୍‌ଘଡ଼ି ସହେତେ ବର୍ଷା ହେବା  ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।